# NATIONAL NEWS BULLETIN (ODIA)

## 5th July - 2026

## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲିଠାରୁ ଇଣ୍ଡୋନେସିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- କେରଳର କୋଚିଠାରେ ଆସନ୍ତାକାଲି ଆରମ୍ଭ ହେବ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ।
- ଭୂମିକମ୍ପ ସମୟରେ ସହାୟତାପାଇଁ ଭାରତକୁ କୃତଜ୍ଞତା ଜଣାଇଲା ଭେନେଜୁଏଲା ।
- ଓଡ଼ିଶା ସମେତ କେତେକ ରାଜ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ।

ଏବଂ

- ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଉ କିଛି ସମୟ ମଧ୍ୟରେ ଖେଳାଯିବ ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ର ଫାଇନାଲ୍ ମ୍ୟାଚ୍ ।

# ପି.,ମ୍. - ଜାକର୍ତ୍ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଇଣ୍ଡୋନେସିଆ ଗସ୍ତରେ ଯିବେ । ତାଙ୍କର ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ତ୍ୱରାନ୍ୱିତ କରିବା ସହ ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବ । ଜାକର୍ତ୍ତାରେ ଆକାଶବାଣୀକୁ ସାକ୍ଷାତ୍‌କାର ଦେଇ ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦିପ ଚକ୍ରବର୍ତ୍ତୀ କହିଛନ୍ତି, ଆସନ୍ତାକାଲିଠାରୁ ୮ ତାରିଖ ପର୍ଯ୍ୟନ୍ତ ଶ୍ରୀ ମୋଦୀଙ୍କ ଇଣ୍ଡୋନେସିଆ ଗସ୍ତ କାଳରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସହଯୋଗର ଅନେକ ଦିଗ ଉନ୍ମୁକ୍ତ ହେବା ସହ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ନିବିଡ ହେବ । ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି, ପ୍ରତିରକ୍ଷା ଏବଂ ସୁରକ୍ଷା ନେଇ ଦୁଇ ଦେଶ ମଧ୍ୟରେ ଭାଗିଦାରିତା ସମ୍ପର୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୩୦ ବିଲିୟନ ଡଲାରରୁ ଅଧିକ ରହିଥିବାବେଳେ ଏହାକୁ ବ୍ୟାପକ କରିବାର ଲକ୍ଷ୍ୟ ରଖାଯାଇଛି । ଭାରତରୁ ଇଣ୍ଡୋନେଆକୁ ନୁହେଁ; ବରଂ ଭାରତରେ ଇଣ୍ଡୋନେସିଆର ପୁଞ୍ଜିନିବେଶ ପାଇଁ ଆଶା ରହିଛି ବୋଲି ସେ କହିଛନ୍ତି ।

ଇଣ୍ଡୋନେସିଆ ଭାରତର ସାମୁଦ୍ରିକ ପଡୋଶୀ ରାଷ୍ଟ୍ର ହୋଇଥିବାରୁ ଯୋଗାଯୋଗ ଏବଂ କ୍ଷମତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଫଳରେ ପ୍ରତିରକ୍ଷା ଓ ସୁରକ୍ଷା, ପୁଞ୍ଜିନିବେଶ,

ଅର୍ଥନୈତିକ ଏକୀକରଣ, ଭିତ୍ତିଭୂମି ବିକାଶ, କେତେକ ବନ୍ଦରର ବିକାଶ, ବ୍ୟାପକ ଯୋଗାଯୋଗ, ଫାର୍ମାସିଟ୍ୟୁକାଲ୍ସ, ସ୍ୱାସ୍ଥ୍ୟସେବା, କ୍ଷମତାବୃଦ୍ଧି ଏବଂ ଶିକ୍ଷାଗତ ଆଦାନ ପ୍ରଦାନ ଉପରେ ସକରାତ୍ମକ ପ୍ରଭାବ ପଡିବ । ସାମୁଦ୍ରିକ ସୁରକ୍ଷାଠାରୁ ଆରମ୍ଭ କରି ମହାକାଶ ସହଯୋଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ବିଭିନ୍ନ ଚୁକ୍ତିନାମା ଏବଂ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି ।

ଉଭୟ ଦେଶ ମଧ୍ୟରେ ଅଧିକ ସହଯୋଗ ସାମୁଦ୍ରିକ ଯୋଗାଯୋଗ ମାର୍ଗଗୁଡ଼ିକୁ ମୁକ୍ତ ରଖିବା ସୁନିଶ୍ଚିତ କରିବା ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି, ମଲ୍ଲାକ୍କା ପ୍ରଣାଳୀ ଦେଇ ବହୁ ପରିମାଣରେ ମାଲ୍ ପରିବହନ ହୋଇଥାଏ । ମଲ୍ଲାକ୍କା ପ୍ରଣାଳୀ ଯେପରି ମୁକ୍ତ ରହେ ଏବଂ ହର୍ମୁଜ୍ ପ୍ରଣାଳୀ ଭଳି ପରିସ୍ଥିତିର ସମ୍ମୁଖୀନ ନ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ଇଣ୍ଡୋନେସିଆକୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି ।

## ବ୍ରିକ୍ସ ୱିମେନ୍ ୱାର୍କିଂ ଗ୍ରୁପ୍

ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଭାରତ ଆସନ୍ତାକାଲିଠାରୁ କେରଳର କୋଚିଠାରେ ଦୁଇଦିନିଆ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆୟୋଜନ କରିବ । ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ କହିଛି ବ୍ରିକ୍ସ ସଦସ୍ୟ

ଦେଶଗୁଡ଼ିକର ବରିଷ୍ଠ ସରକାରୀ ଅଧିକାରୀମାନେ ଏକାଠି ହୋଇ ସମସ୍ତ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବେ ଏବଂ ଏଥିସହ ସହଭାଗୀ ପ୍ରାଥମିକତାଗୁଡ଼ିକରେ ସହଯୋଗକୁ ଆଗକୁ ବଢ଼ାଇବେ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ସଦସ୍ୟ ଦେଶଗୁଡ଼ିକୁ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ନେବାପାଇଁ ଆଲୋଚନା କରିବେ ଏବଂ ସର୍ବସମ୍ମତି ପ୍ରସ୍ତୁତ କରିବାକୁ ଏକ ସୁଯୋଗ ପ୍ରଦାନ କରିବ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ୪ଟି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ଏଥିରେ ଶାସନ ଓ ନେତୃତ୍ୱରେ ମହିଳା, ମହିଳାମାନଙ୍କର ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମହିଳା ଉଦ୍ୟୋମିତା ଏବଂ ଦକ୍ଷତା ବିକାଶ, ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣରେ ମହିଳାଙ୍କ ଭୂମିକା ଅନ୍ତର୍ଭୁକ୍ତ ରହିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ବୈଠକ ଆସନ୍ତା ୮ ଏବଂ ୯ ତାରିଖରେ ହେବାକୁ ଥିବା ବ୍ରିକ୍ସ ମହିଳା ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ ।

## ଶାହା - କୋଅପରେସନ ମିନିଷ୍ଟର

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହରେ

ଯୋଗଦେବେ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, 'ସହକାର ସେ ସମୃଦ୍ଧି' ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ଶ୍ରୀ ଶାହା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଶ୍ରୀ ଶାହା' ୨୩୨ଟି ଶସ୍ୟ ଗୋଦାମ ଗୃହ ଉଦ୍‌ଘାଟନ, ସହକାର ବନ, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରରେ ଟିସୁ କଲ୍‌ଚର ବ୍ୟବସ୍ଥା ଆଦିର ଭୂମିପୂଜନ, ଜାତୀୟ ସମବାୟ ଡାଟାବେସ୍ ଶୁଭାରମ୍ଭ, ଜାତୀୟ ପଶୁପାଳନ ବିକାଶ ବୋର୍ଡ଼ର ଦୁଗ୍ଧ ଯୋଗାଣ ଡ୍ୟାସ୍ ବୋର୍ଡ଼ ପୋର୍ଟାଲ୍‌ର ଶୁଭାରମ୍ଭ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମ କାଳରେ 'ଭାରତୀୟ ବୀଜ ସହକାରୀ ସମିତି ଲିମିଟେଡ୍'-ବି.ବି.ଏସ୍.ଏସ୍.ଏଲ୍. ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହି ବୁଝାମଣା ଫଳରେ ବିହନ ବ୍ୟବସ୍ଥା ଏବଂ ଦୁଗ୍ଧ ସମବାୟ ସମିତି ପାଇଁ ଆଦର୍ଶ ନିୟମ ସୁଦୃଢ଼ ହୋଇପାରିବ । ଗତ ୫ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ କୃଷରଣ ସମିତି, ସମବାୟ ବ୍ୟାଙ୍କ୍, ଦୁଗ୍ଧ ସମବାୟ ଏବଂ ଜାତୀୟସ୍ତରୀୟ ସମବାୟ ସଂସ୍ଥାଗୁଡ଼ିକ ପାଇଁ ଅନେକ ରୂପାନ୍ତରଣ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଭେନେଜୁଆଲା - ଆସିଷ୍ଟାନ୍ସ

ଭେନେଜୁଆଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍' ଭୂକମ୍ପ ପ୍ରଭାବିତ ଅଞ୍ଚଳପାଇଁ ଭାରତ ସହାୟତା କରିଥିବାରୁ କୃତଜ୍ଞତା ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସୁଶ୍ରୀ ରୋଡ୍ରିଗୁଏଜ୍’ ଭେନେଜୁଆଲାର ଦୁର୍ଦ୍ଦିନ ସମୟରେ ଆମେରିକା, କାତାର, ଫ୍ରାନ୍ସ, ଭାରତ, ବାର୍ବାଡୋଜ୍, ବ୍ରାଜିଲ୍ ଏବଂ ଆର୍ଜେଣ୍ଟିନା ସେମାନଙ୍କର ମାନବୀୟ ସହାୟତା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି ଏବଂ ଭେନେଜୁଆଲା ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରେ । ଭେନେଜୁଆଲା କେବେ ବି ସେମାନଙ୍କର ଉତ୍ସର୍ଗୀକୃତ ସହାୟତା ଏବଂ ପ୍ରତିବଦ୍ଧତା ମନୋଭାବକୁ ଭୁଲି ପାରିବ ନାହିଁ ବୋଲି ସେ କହିଛନ୍ତି ।

## ପି.ଏମ୍. - ଗୁଜରାଟ ମିନିଷ୍ଟର ଡିମାଇସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ବିଶିଷ୍ଟ ଜନଜାତି ନେତା ତଥା ପୂର୍ବତନ ଜଙ୍ଗଲ ବିଭାଗ ମନ୍ତ୍ରୀ ମୋହନସିଂ ରାଠ୍ୱାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଗୁଜୁରାଟ ବିଧାନସଭା କାଳରେ ଦୀର୍ଘବର୍ଷ ଧରି ସ୍ୱର୍ଗତ ରାଠ୍ୱାଙ୍କ ସହ କାର୍ଯ୍ୟ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା । ଜନଜାତି ବର୍ଗର ସର୍ବାଙ୍ଗୀନ ବିକାଶ ଏବଂ ଜନସାଧାରରଙ୍କ କଲ୍ୟାଣପାଇଁ ତାଙ୍କର ଉତ୍ସର୍ଗୀକୃତ ସେବା ମନୋଭାବ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ମାଣ୍ଡବୀୟ - ସାଇକ୍ଲିଙ୍ଗ୍

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ନୂଆଦିଲ୍ଲୀରେ 'ସାଇକେଲ୍ ଫିଟ୍ ଇଣ୍ଡିଆ ସଣ୍ଡେ'ର ୮୦ତମ ସଂସ୍କରଣରେ ଅଂଶଗ୍ରହଣ କରିଛନ୍ତି । ଆଧ୍ୟାତ୍ମିକ ଗୁରୁ ଶ୍ରୀସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମବାର୍ଷିକୀ ଅବସରରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆୟୋଜିତ ସାଇକେଲ୍ ଚାଳନା ଏବଂ ଗଣଦୌଡ଼ରେ ୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ । ଯୋଗ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶାରୀରିକଭାବେ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ମାଣ୍ଡବୀୟ କହିଛନ୍ତି, ସାଇକେଲ୍ ଚାଳନାଦ୍ୱାରା ମଣିଷର ହୃଦ୍‌ଯନ୍ତ୍ର, ମନ ଏବଂ ଶରୀର ସୁସ୍ଥ ରହିଥାଏ । ପ୍ରତ୍ୟେକଦିନ ମୋବାଇଲ୍‌ଠାରୁ ଅତିକମ୍‌ରେ ୧ ଘଣ୍ଟା ଦୂରରେ ରହି ଶାରୀରିକ କାର୍ଯ୍ୟରେ ସମୟ ନିୟୋଜିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# କୈଳାସ ମାନସରୋବର

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି' ଆଜି ଚମ୍ପବତ ଜିଲ୍ଲାର ଟାନାକପୁରଠାରୁ କୈଳାସ ମାନସରୋବର ଯାତ୍ରାର ପ୍ରଥମ ପର୍ଯ୍ୟାୟ ତୀର୍ଥଯାତ୍ରୀ ଦଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଦଳରେ ୪୯ ଜଣ ତୀର୍ଥଯାତ୍ରୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ୩୪ ଜଣ ପୁରୁଷ, ୧୫ ଜଣ ମହିଳା ଏବଂ ଜଣେ ଡାକ୍ତର ରହିଛନ୍ତି । ଏହି ଅବସରରେ ଶ୍ରୀ ଧାମି କହିଛନ୍ତି, କୈଳାସ ସରୋବର ଯାତ୍ରା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ; ବରଂ ଆଧ୍ୟାତ୍ମିକ ସଚେତନତା, ସାଂସ୍କୃତିକ ଐକ୍ୟ ଏବଂ ଜାତୀୟ ସଂହତିର ପ୍ରତୀକ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସନାତନ ସଂସ୍କୃତି, ପ୍ରାଚୀନ ମନ୍ଦିରର ସଂରକ୍ଷଣ ଏବଂ ପ୍ରୋତ୍ସାହନମୂଳକ ପଦକ୍ଷେପ ଗ୍ରହଣ ଦିଗରେ ଅନେକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ଧାମି ତୀର୍ଥଯାତ୍ରୀମାନଙ୍କ ନିରାପଦ ଓ ସଫଳ ଯାତ୍ରା କାମନା କରିଛନ୍ତି ।

# ୱିମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଆଜି ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ । ଇଂଲଣ୍ଡରେ ଲର୍ଡସ୍

କ୍ରିକେଟ ପଡ଼ିଆରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ ।

## ଫିଫା - ୱାର୍ଲ୍ଡ କପ୍

ଫିଫା ଫୁଟ୍‌ବଲ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ନିୟୁଜର୍ସିଠାରେ ବ୍ରାଜିଲ୍ ଏବଂ ନରୱେ ମଧ୍ୟରେ ମୁକାବିଲା ହେବ । ଏହା ଭାରତୀୟ ସମୟ ରାତି ସାଢ଼େ ଗୋଟାଏରେ ଆରମ୍ଭ ହେବ । ଆସନ୍ତାକାଲି ପ୍ରାତଃ ସାଢ଼େ ୫ଟାରେ ହେବାକୁ ଥିବା ପ୍ରି-କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ମେକ୍ସିକୋ ସିଟିଠାରେ ଇଂଲଣ୍ଡ ଏବଂ ମେକ୍ସିକୋ ମଧ୍ୟରେ ଖେଳ ହେବ । ଫିଲାଡେଲ୍‌ଫିଆଠାରେ ଆଜି ସକାଳେ ଅନୁଷ୍ଠିତ ଷୋଡ଼ଶ ରାଉଣ୍ଡ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଫ୍ରାନ୍‌ସ ପାରାଗୁଏକୁ ୧-୦ରେ ପରାସ୍ତ କରି ବିଜୟ ହାସଲ କରିଛି । ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ହଷ୍ଟନ୍‌ଠାରେ ମରୋକୋ’ କାନାଡ଼ାକୁ ୩-୦ରେ ପରାସ୍ତ କରି ବିଜୟୀ ହୋଇଛି ।

## ୱିମ୍ବଲଡନ୍ ଟେନିସ୍

ୱିମ୍ବଲଡ଼ନ୍ ଟେନିସ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ସର୍ବିୟାର ନୋଭାକ ଜୋକୋଭିକ୍ ଏବଂ ରୁଷ୍‌ର ରୋମାନ ସାଫ୍ୟୁଲ୍ଲିନ୍‌ଙ୍କ ମଧ୍ୟରେ

ପ୍ରତିଦ୍ୱନ୍ଦ୍ୱିତା ହେବ । ସେହିପରି ପୁରୁଷ ସିଙ୍ଗଲ୍ସରେ ଇଟାଲୀର ଜାନ୍ନିକ୍ ସିନ୍ନର ଏବଂ ଜାପାନର ଶିନ୍ତାରୋ ମୋଜିଜିକିଙ୍କ ମଧ୍ୟରେ ମୁକାବିଲା ହେବ । ପ୍ରି-କ୍ୱାର୍ଟର ଫାଇନାଲ୍‌ର ଏକ ମ୍ୟାଚ୍‌ରେ ପୋଲାଣ୍ଡର ହୁବର୍ଟ ହୁର୍‌କାଜ୍ ଏବଂ ଜର୍ମାନୀର ଜାନ-ଲୋନାର୍ଡ ଷ୍ଟ୍ରଫ୍ ପରସ୍ପରକୁ ଭେଟିବେ । ଅନ୍ୟ ଏକ ମ୍ୟାଚ୍ କାନାଡ଼ାର ଫେଲିକ୍ ଅଗର୍ ଆଲିଆସିମ୍ ଏବଂ ସ୍ପେନ୍‌ର ଆଲେକ୍‌ଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କ ମଧ୍ୟରେ ଖେଳାଯିବ । ମହିଳା ସିଙ୍ଗଲ୍ସରେ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା ଏବଂ ସେହି ଦେଶର ବାର୍‌ବୋରା ରେଜିକୋଭାଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଓଡ଼ିଶା ସମେତ ଗୁଜରାଟ, କଚ୍ଛ, କୋଙ୍କଣ, ଗୋଆ ଏବଂ କେନ୍ଦ୍ରୀୟ ମହାରାଷ୍ଟ୍ରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଆସନ୍ତା ଚାରିଦିନ ମଧ୍ୟରେ ଦେଶର ଅନ୍ୟ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବା ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****